କାଶୀବେନ ଭିକାବାଇ ଏବଂ ଅନ୍ୟମାନେ

ବନାମ

ସ୍ୱତନ୍ତ୍ର ଜମି ଅଧିଗ୍ରହଣ ଅଧିକାରୀ ଏବଂ ଅନ୍ୟଜଣେ

ଫେବୃଆରୀ 6, 2002

[ଭି.ଏନ. ଖାରେ ଏବଂ ଅଶୋକ ଭାନ, ନ୍ୟାୟମୂର୍ତ୍ତିଦ୍ୱୟ]

*ଭୂମି ଅଧିଗ୍ରହଣ ଅଧିନିୟମ, 1894:*

*ଧାରା 23(1A)- ଜମି ଅଧିଗ୍ରହଣ- ଅତିରିକ୍ତ ରାଶି- ହକଦାର- କୁହାଗଲା: ଦାବିକାରୀମାନେ ଅତିରିକ୍ତ ରାଶି ପାଇବାକୁ ହକଦାର ନୁହଁନ୍ତି ଯଦି ଅଧିଗ୍ରହଣ ଆରମ୍ଭ ହୁଏ ଏବଂ ଜିଲ୍ଲାପାଳଙ୍କ ଦ୍ୱାରା 30-6-1982 ପୂର୍ବରୁ ଅଧିନିର୍ଣ୍ଣୟ ଦିଆଯାଇଥିଲା- ଧାରା 23(1A) ଅଧୀନରେ ସୁବିଧା ପାଇବା ପାଇଁ ଜିଲ୍ଲାପାଳଙ୍କ ସମ୍ମୁଖରେ 30-6-1982 ରେ ଅଧିଗ୍ରହଣ ପ୍ରକ୍ରିୟାର ବିଚାରଧୀନତା ଆବଶ୍ୟକ । ଧାରା 23(2)- ଭୂମି ଅଧିଗ୍ରହଣ- 30% ହାରରେ ବୈଧାନିକ ସାନ୍ତ୍ୱନାମୂଳକ ରାଶି- ହକଦାର- କୁହାଗଲା, ଯଦି ସଂଶୋଧନ ଅଧିନିୟମ, 1984 ଦ୍ୱାରା ସଂଶୋଧନଗୁଡ଼ିକର ପ୍ରଣୟନ ପରେ ସନ୍ଦର୍ଭ ନ୍ୟାୟାଳୟ ଅଧିନିର୍ଣ୍ଣୟ ଦେଇଥା'ନ୍ତି, ତେବେ ଦାବିଦାରମାନେ 30% ହାରରେ ବୈଧାନିକ ସାନ୍ତ୍ୱନାମୂଳକ ରାଶି ପାଇବାକୁ ହକଦାର ଅଟନ୍ତି ।*

ଭୂମି ଅଧିଗ୍ରହଣ ଅଧିନିୟମର ଧାରା 4 ଅଧୀନରେ ଆବେଦନକାରୀ-ଦାବିଦାରଙ୍କ ଜମିକୁ ଅଧିଗ୍ରହଣ କରାଯାଇଥିଲା । ଭୂମି ଅଧିଗ୍ରହଣ ଅଧିକାରୀ ଏକ ନିର୍ଦ୍ଦିଷ୍ଟ କ୍ଷତିପୂରଣ ପ୍ରଦାନ କରିଥିଲେ । ଏହି ଅଧିନିର୍ଣ୍ଣୟ ଦ୍ୱାରା ବ୍ୟଥିତ ହୋଇ ଆବେଦନକାରୀମାନେ ନ୍ୟାୟାଳୟଙ୍କ ସମ୍ମୁଖରେ ଏକ ବିଚାରାର୍ଥେ ପ୍ରେରିତ ଆବେଦନ ଦାଖଲ କଲେ । ସନ୍ଦର୍ଭ ନ୍ୟାୟାଳୟ କ୍ଷତିପୂରଣକୁ ବୃଦ୍ଧି କରି ଅଧିନିୟମର ଯଥାକ୍ରମେ ଧାରା 23(2) ଏବଂ 23(1A) ଅଧୀନରେ 30% ହାରରେ ସାନ୍ତ୍ୱନାମୂଳକ ରାଶି ଏବଂ ଅତିରିକ୍ତ ରାଶି ପ୍ରଦାନ କରିଥିଲେ । କିନ୍ତୁ ଉଚ୍ଚ ନ୍ୟାୟାଳୟ ଏକ ନିର୍ଦ୍ଦିଷ୍ଟ ଜମିର ବିକ୍ରୟ ମୂଲ୍ୟକୁ ପ୍ରଚଳିତ ବଜାର ମୂଲ୍ୟ ଭାବରେ ଗ୍ରହଣ କରିଥିଲେ ଏବଂ ମଧ୍ୟସ୍ଥ ବ୍ୟକ୍ତିଙ୍କୁ ପ୍ରଦାନ କରାଯାଇଥିବା ରାଶି ଅନୁସାରେ କ୍ଷତିପୂରଣ ହ୍ରାସ କରିଥିଲେ ଏବଂ ଅଧିନିୟମ 23(1A) ଅଧୀନରେ ପ୍ରଦାନ କରାଯାଇଥିବା ଅତିରିକ୍ତ ରାଶିକୁ ଅନୁମତି ଦେଇନଥିଲେ । ସେଥିପାଇଁ ଏହି ଆବେଦନଟି ।

ଆଂଶିକ ଭାବରେ ଆବେଦନତିକୁ ଅନୁମତି ଦେଇ ନ୍ୟାୟାଳୟ

କହିଲେ: 1.1. ଥରେ ଏକ ବିକ୍ରୟ ମୂଲ୍ୟ ପ୍ରଚଳିତ ମୂଲ୍ୟ ଭାବରେ ଗ୍ରହଣ କରାଯିବା ପରେ, ମଧ୍ୟସ୍ଥ ବ୍ୟକ୍ତିଙ୍କୁ ପ୍ରଦାନ କରାଯାଇଥିବା ରାଶି ଅନୁସାରେ ଏହାକୁ ହ୍ରାସ କରାଯାଇପାରିବ ନାହିଁ, ଯାହାଙ୍କ ସପକ୍ଷରେ ବିକ୍ରୟ ପାଇଁ ରାଜିନାମା ସମ୍ପାଦିତ ହୋଇଥିଲା । ଭୂମିର ମୂଲ୍ୟକୁ ଏହି ଆଳରେ ହ୍ରାସ କରାଯାଇପାରିନଥିଲା ଯେ ମଧ୍ୟସ୍ଥ ବ୍ୟକ୍ତି ଏକ ନିର୍ଦ୍ଦିଷ୍ଟ ମୂଲ୍ୟରେ ଭୂମି କ୍ରୟ କରିବାକୁ ସମ୍ମତି ପ୍ରକାଶ କରିବା ପରେ ପରବର୍ତ୍ତୀ ସମୟରେ ଲାଭ ରଖି ଅଧିକ ମୂଲ୍ୟରେ କ୍ରେତାଙ୍କୁ ସେହି ଭୂମି ବିକ୍ରୟ କରିଥିଲେ ।

1.2. ଏହି ତଥ୍ୟକୁ ଧ୍ୟାନରେ ରଖି ଯେ ବୃହତ ଭୂମିଗୁଡ଼ିକ ଛୋଟ ଭୂମି ଖଣ୍ଡ ପରି ସମାନ ମୂଲ୍ୟ ପାଇନଥା'ନ୍ତି ଏବଂ ଭୂମିର ବିକାଶ ପାଇଁ ଏକ ବଡ଼ ପରିମାଣର ଅର୍ଥ ଖର୍ଚ୍ଚ କରିବା ଆବଶ୍ୟକ ହୋଇଥାଏ, ଭୂମିର ମୂଲ୍ୟ ବର୍ଗ ଫୁଟ ପିଛା 1.88 ଟଙ୍କା ବଦଳରେ 2.00 ଟଙ୍କା ସ୍ଥିର କରାଗଲା ଏବଂ ଏହିପରି ଭାବେ କ୍ଷତିପୂରଣକୁ ବର୍ଗ ଫୁଟ ପିଛା ଟଙ୍କା 0.12 ପଇସା ବୃଦ୍ଧି କରାଗଲା ।

**ଦାବିଦାରମାନେ ଭୂମି ଅଧିଗ୍ରହଣ ଅଧିନିୟମ, 1894 ର ଧାରା 23(2) ଅଧୀନରେ 30% ହାରରେ ବୈଧାନିକ ସାନ୍ତ୍ୱନାମୂଳକ ରାଶି ପାଇବାକୁ ହକଦାର ହେବେ, ଯେହେତୁ 1984 ର ସଂଶୋଧନ ଅଧିନିୟମ ଦ୍ୱାରା ପ୍ରଣୀତ ସଂଶୋଧନଗୁଡ଼ିକ ପ୍ରଭାବୀ ହେବା ପରେ ସନ୍ଦର୍ଭ ନ୍ୟାୟାଳୟଙ୍କ ଅଧିନିର୍ଣ୍ଣୟ ଦିଆଯାଇଥିଲା ।**

*ଭାରତ ସଂଘ* ବନାମ *ରଘୁବୀର ସିଂହ*, [1989] 2 ଏସସିସି 754, ଅନୁସରଣ କରାଯାଇଛି ।

**2. ଯେଉଁ ମାମଲାରେ ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ ହୋଇଥିଲା ଏବଂ ଜିଲ୍ଲାପାଳଙ୍କ ଦ୍ୱାରା 30-6-1982 ପୂର୍ବରୁ ଅଧିନିର୍ଣ୍ଣୟ ପ୍ରଦାନ କରାଯାଇଥିଲା, ସେହିପରି କ୍ଷେତ୍ରରେ ଦାବିଦାରଙ୍କୁ ଅଧିନିୟମର ଧାରା 23(1A) ଅଧୀନରେ ଅତିରିକ୍ତ କ୍ଷତିପୂରଣ ଉପଲବ୍ଧ ହେବ ନାହିଁ । ଯଦି ଜିଲ୍ଲାପାଳ 30-6-1982 ପୂର୍ବରୁ ଅଧିନିର୍ଣ୍ଣୟ ପ୍ରଦାନ କରିଥା'ନ୍ତି, ତେବେ ଧାରା 23(1A) ଅଧୀନରେ ଅତିରିକ୍ତ ପରିମାଣ ପ୍ରଦାନ କରାଯାଇପାରିବ ନାହିଁ । ଅଧିନିୟମର ଧାରା 23(1A) ଅଧୀନରେ ଲାଭ ପାଇବା ପାଇଁ ଜିଲ୍ଲାପାଳଙ୍କ ସମ୍ମୁଖରେ 30-6-1982 ସୁଦ୍ଧା ଅଧିଗ୍ରହଣ ପ୍ରକ୍ରିୟା ବିଚାରାଧୀନ ରହିବା ଅତ୍ୟାବଶ୍ୟକ ଥିଲା ।**

*ଭାରତ ସଂଘ* ବନାମ *ଫିଲିପ ଟିଆଗୋ ଡି ଗାମା ଅଫ ଭେଡେମ ଭାସ୍କୋ ଡି ଗାମା* [1990] 1 ଏସସିସି 277, ଉପରେ ନିର୍ଭର କରାଯାଇଛି ।

ଦେୱାନୀ ଆବେଦନ ଅଧିକାରିତା: ଦେୱାନୀ ଆବେଦନ ସଂଖ୍ୟା 5354-89/1993

ଏଫ.ଏ. ସଂଖ୍ୟା 36 ରୁ 66/1988 ରେ ଗୁଜରାଟ ଉଚ୍ଚ ନ୍ୟାୟାଳୟଙ୍କ ତା 1.4.91 ରିଖର ରାୟ ଏବଂ ତଥା ଆଦେଶରୁ ।

ଉପସ୍ଥିତ ପକ୍ଷମାନଙ୍କ ତରଫରୁ ଏସ.କେ. ଢୋଲକିଆ, ଜିତେନ୍ଦ୍ର ଶର୍ମା, ଇ.ଆର. କୁମାର, ଡି.ପି. ମହାନ୍ତି, ସୁଶ୍ରୀ ଯୁଗନ୍ଧରା ଝା, ପି.ଏଚ. ପାରେଖ, ଏସ.ସି. ପଟେଲ, ସୁଶ୍ରୀ ଏଚ. ୱାହି, କାନୁଭାଇ, ଭି. ପଟେଲ, ପି. ଗୌର, ସୁଶ୍ରୀ ମୀନାକ୍ଷୀ ବିଜ ଏବଂ ପି.ଏନ. ଝା

ନ୍ୟାୟାଳୟଙ୍କ ଆଦେଶ ନିମ୍ନମତେ ପ୍ରଦାନ କରାଯାଇଥିଲା

**ଭାନ, ନ୍ୟାୟମୂର୍ତ୍ତି** । ଭୂମି ଅଧିଗ୍ରହଣ ଅଧିନିୟମ, 1894 ଅଧୀନରେ ପ୍ରଦେୟ କ୍ଷମତାପୂରଣ ରାଶିକୁ ହ୍ରାସ କରିବା କ୍ଷେତ୍ରରେ ଗୁଜରାଟ ଉଚ୍ଚ ନ୍ୟାୟାଳୟଙ୍କ ରାୟ ଦ୍ୱାରା ବ୍ୟଥିତ ହୋଇ ଏବଂ ଅଧିଗୃହିତ ଭୂମି ପାଇଁ ଅଧିକ, ନ୍ୟାୟୋଚିତ ଓ ସମାନୁପାତିକ କ୍ଷତିପୂରଣ ଦାବି କରି ଦାବିଦାରମାନେ ଏହି ଆବେଦନଗୁଡ଼ିକରେ ଏଠାକୁ ଆସିଛନ୍ତି ।

ତା 15 ମେ 1974 ରିଖରେ ଗୁଜରାଟ ରାଜ୍ୟ ଗୁଜରାଟ ଗୃହନିର୍ମାଣ ବୋର୍ଡ ପାଇଁ ଗୁଜରାଟର ବରୋଦା ମହାନଗର ନିଗମ ସୀମା ମଧ୍ୟରେ ଅବସ୍ଥିତ ଗୋରୱା ଗ୍ରାମରେ 78 ହେକ୍ଟର, 32 ଏକର ଏବଂ 54 ବର୍ଗ ମିଟର ଭୂମିର ଅଧିଗ୍ରହଣ ନିମନ୍ତେ ଭୂମି ଅଧିଗ୍ରହଣ ଅଧିନିୟମ, 1894 (ଏହା ପରେ 'ଅଧିନିୟମ' ଭାବରେ ଅଭିହିତ) ର ଧାରା 4 ଅଧୀନରେ ଏକ ବିଜ୍ଞପ୍ତି ଜାରି କରିଥିଲେ । ଏହା 8 ଅଗଷ୍ଟ, 1974 ରେ ସରକାରୀ ରାଜପତ୍ରରେ ପ୍ରକାଶିତ ହୋଇଥିଲା । ଅଧିନିୟମର ଧାରା 6 ଅଧୀନରେ ବିଜ୍ଞପ୍ତି 12 ଜୁଲାଇ, 1977 ରେ ଜାରି କରାଯାଇଥିଲା ଏବଂ 21 ଜୁଲାଇ, 1977 ରେ ସରକାରୀ ରାଜପତ୍ରରେ ପ୍ରକାଶିତ ହୋଇଥିଲା ।

94 ଜଣ ଦାବିଦାର ଥିଲେ ଯାହାଙ୍କ ଜମି ଉପରୋକ୍ତ ବିଜ୍ଞପ୍ତି ଅଧୀନରେ ଅଧିଗ୍ରହଣ ପାଇଁ ସୂଚିତ କରାଯାଇଥିଲା । ସେମାନେ ଭୂମି ଅଧିଗ୍ରହଣ ଅଧିକାରୀ (ସଂକ୍ଷେପରେ 'ଦି ଏଲଏଓ') ଙ୍କ ସମ୍ମୁଖରେ ବର୍ଗ ଫୁଟ ପିଛା ଟଙ୍କା 4 ହାରରେ କ୍ଷତିପୂରଣ ଦାବି କରିଥିଲେ ।

ଜମି ମାଲିକମାନେ ବର୍ତ୍ତମାନର ଆବେଦନଗୁଡ଼ିକରେ ପକ୍ଷ ଥିବା 36ତମ ଆବେଦନକାରୀ ଅରୁଣ ଭୂମି ନିଗମ (ସଂକ୍ଷେପରେ 'ଏଏଲସି') ସହିତ ଏକ ରାଜିନାମା କରିଥିଲେ । *ଅଧିକନ୍ତୁ, ଅନ୍ୟାନ୍ୟ ବିଷୟଗୁଡ଼ିକ ମଧ୍ୟରେ* ଏହି ରାଜିନାମାଟି ନିମ୍ନମତେ ପଠନୀୟ:

"(a) ଏହି କ୍ଷମତା ବଳରେ, ଅରୁଣ ଭୂମି ନିଗମର ଅଂଶୀଦାରମାନେ ଉପଯୁକ୍ତ ଉତ୍ତର ଦେଇପାରିବେ, ଆମ୍ଭ ପକ୍ଷରୁ ଲିଖିତ ବିବରଣୀ ଦେଇପାରିବେ/ଦେବାର ବ୍ୟବସ୍ଥା କରିପାରିବେ ଏବଂ ଅଧିଗ୍ରହଣର ଏହି ମାମଲାକୁ ସମ୍ପୂର୍ଣ୍ଣ କରିପାରିବେ ଏବଂ ଆମ୍ଭେ ସମସ୍ତେ ଆମ୍ଭର ସର୍ବସମ୍ମତି ସହିତ ଏଥିରେ ରାଜି ଅଛୁ ।

(b) ଆମ୍ଭଙ୍କୁ ଏହି ଭୂମିର ମୂଲ୍ୟ ବର୍ଗ ଫୁଟ ପିଛା 1.35 ଟଙ୍କା ହାରରେ ଅଧିନିର୍ଣ୍ଣୟ କରିବା ଏହି ନିଗମର ଦାୟିତ୍ୱ ଅଟେ ।

(c) ଯଦି ଗୁଜରାଟ ଗୃହନିର୍ମାଣ ବୋର୍ଡ ଉପରୋକ୍ତ ମୂଲ୍ୟ ଅପେକ୍ଷା ଅଧିକ କୌଣସି ରାଶି ଅଧିନିର୍ଣ୍ଣୟ କରେ ଏବଂ ଯଦି ଅରୁଣ ଭୂମି ନିଗମ ସେହିପରି ଅତିରିକ୍ତ ରାଶି ପ୍ରାପ୍ତ କରେ, ତେବେ ସେଥିରେ ଆମ୍ଭର, ଅର୍ଥାତ୍ ଚାଷୀମାନଙ୍କର କୌଣସି ପ୍ରକାରର ଆପତ୍ତି ନାହିଁ ଏବଂ ଆମ୍ଭେ ସେହି ସମସ୍ତ ଅଧିକାର ଏହି ନିଗମକୁ ହସ୍ତାନ୍ତର କରୁଛୁ ।"

ଭୂମି ଅଧିଗ୍ରହଣ ଅଧିକାରୀ ତା 10 ଅକ୍ଟୋବର 1980 ରିଖରେ ଅଧିନିର୍ଣ୍ଣୟ ଘୋଷଣା କରିଥିଲେ । ସେ ଭୂମିକୁ ଚାରୋଟି ଶ୍ରେଣୀରେ ବିଭକ୍ତ କଲେ, ଯଥା- A, B, C ଏବଂ D ଏବଂ କ୍ଷତିପୂରଣ ନିମ୍ନମତେ ନିର୍ଦ୍ଧାରିତ କଲେ:

| **ଶ୍ରେଣୀ** | **ଟଙ୍କା ପରିମାଣ** |
|---|---|
| A | ବର୍ଗ ଫୁଟ ପିଛା ଟଙ୍କା 0.93 (ହେକ୍ଟର ପିଛା ଟଙ୍କା 1 ଲକ୍ଷ) |
| B | ବର୍ଗ ଫୁଟ ପିଛା ଟଙ୍କା 1.21 (ହେକ୍ଟର ପିଛା ଟଙ୍କା 1.30 ଲକ୍ଷ) |
| C | ବର୍ଗ ଫୁଟ ପିଛା ଟଙ୍କା 1.40 (ହେକ୍ଟର ପିଛା ଟଙ୍କା 1.50 ଲକ୍ଷ) |
| D | ବର୍ଗ ଫୁଟ ପିଛା ଟଙ୍କା 1.58 (ହେକ୍ଟର ପିଛା ଟଙ୍କା 1.70 ଲକ୍ଷ) |

ମୋଟ 94 ଜଣ ଦାବିଦାରଙ୍କ ମଧ୍ୟରୁ, 42 ଜଣ ଦାବିଦାର ରାଜିନାମା ମାନିବାକୁ ମନା କରିଦେଲେ । ଏ.ଏଲ.ସି. ସେମାନଙ୍କ ବିରୁଦ୍ଧରେ ନଦିଆଦ ସ୍ଥିତ ଦେୱାନୀ ନ୍ୟାୟାଳୟରେ ମକଦ୍ଦମା ସଂଖ୍ୟା 156/1980 ଦାଖଲ କଲା, ଯାହାକି ଭୂମି ଅଧିଗ୍ରହଣ ଅଧିକାରୀଙ୍କୁ ଏହି 42 ଜଣ ଦାବିଦାରଙ୍କୁ ଅଧିନିର୍ଣ୍ଣୟ ଅଧୀନରେ ପ୍ରଦେୟ ରାଶି ବଣ୍ଟନ କରିବାରୁ ବାରଣ କଲା । ଉକ୍ତ 42 ଜଣ ଦାବିଦାରଙ୍କ ଦ୍ୱାରା ଉଚ୍ଚ ନ୍ୟାୟାଳୟରେ ଏକ ଆବେଦନ ଦାଖଲ କରାଯାଇଥିଲା । ଉଚ୍ଚ ନ୍ୟାୟାଳୟ ସେମାନଙ୍କୁ ଅଧିନିର୍ଣ୍ଣୟ ରାଶିରୁ କେବଳ ବର୍ଗ ଫୁଟ ପିଛା 1.35 ଟଙ୍କା ପ୍ରତ୍ୟାହାର କରିବାକୁ ଅନୁମତି ଦେଲେ ଏବଂ ବର୍ଗ ଫୁଟ ପିଛା 1.35 ଟଙ୍କାରୁ ଅଧିକ ଅଧିନିର୍ଣ୍ଣୟ କରାଯାଇଥିବା ରାଶିକୁ ଏଏଲସି ଦ୍ୱାରା ଦାଖଲ କରାଯାଇଥିବା ମକଦ୍ଦମାର ପରିସମାପ୍ତି ପର୍ଯ୍ୟନ୍ତ ପ୍ରଦାନ ନ କରିବା ପାଇଁ ନିର୍ଦ୍ଦେଶ ଦେଲେ । ଉକ୍ତ ମକଦ୍ଦମା ଏପର୍ଯ୍ୟନ୍ତ ବିଚାରାଧୀନ ରହିଛି । 7 ଜଣ ଦାବିଦାରଙ୍କୁ ଛାଡ଼ି, ବାକି 42 ଜଣ ଦାବିଦାର,

ଯେଉଁମାନେ ତା 16.12.1978 ରିଖର ରାଜିନାମାକୁ ଆପତ୍ତି କରିଥିଲେ, ସେମାନେ ଏଏଲସି ସହିତ ମାମଲାର ସମାଧାନ କରିଛନ୍ତି । ବିଚାରାଧୀନ ମକଦ୍ଦମା କେବଳ ସେହି 7 ଜଣ ଦାବିଦାରଙ୍କ ସହ ସମ୍ପୃକ୍ତ ଅଟେ ।

ଆମ୍ଭ ସମ୍ମୁଖରେ ଥିବା 35 ଜଣ ଦାବିଦାରଙ୍କ ମଧ୍ୟରୁ ପ୍ରତ୍ୟେକେ ତା 16.12.1978 ରିଖର ରାଜିନାମାକୁ ମାନିଥିଲେ ଏବଂ 10 ଅକ୍ଟୋବର, 1980 ରୁ 30 ନଭେମ୍ବର, 1980 ମଧ୍ୟରେ ବର୍ଗ ଫୁଟ ପିଛା 1.35 ଟଙ୍କା ହାରରେ ଅର୍ଥ ପ୍ରାପ୍ତ କରିଥିଲେ । ଯେହେତୁ ଆମ୍ଭ ସମ୍ମୁଖରେ ଥିବା ଦାବିଦାରମାନଙ୍କ ସମେତ ଅନ୍ୟ ଦାବିଦାରମାନେ ମଧ୍ୟ ଅଧିନିର୍ଣ୍ଣୟ ଦ୍ୱାରା ବ୍ୟଥିତ ଥିଲେ, ତେଣୁ ଅଧିନିୟମର ଧାରା 18 ଅଧୀନରେ ନ୍ୟାୟାଳୟଙ୍କ ସମ୍ମୁଖରେ ବିଚାରାର୍ଥେ ପ୍ରେରଣ କରାଯାଇଥିଲା । ପ୍ରତ୍ୟେକ ସନ୍ଦର୍ଭରେ ଏଏଲସି ଦାବିଦାର ସଂଖ୍ୟା 2 ଥିଲା । ଭୂମି ସନ୍ଦର୍ଭ ଆବେଦନଗୁଡ଼ିକରେ, ପ୍ରତ୍ୟେକ ଦାବିଦାର ସ୍ୱୀକାର କରିଥିଲେ ଯେ ସେମାନଙ୍କ ମଧ୍ୟରୁ ପ୍ରତ୍ୟେକେ ଏଏଲସି ସପକ୍ଷରେ ତା 16.12.1978 ରିଖର ରାଜିନାମା ସମ୍ପାଦନ କରିଥିଲେ । ସେହିଭଳି, ପ୍ରତ୍ୟେକ ଦାବିଦାର ସନ୍ଦର୍ଭ ନ୍ୟାୟାଳୟଙ୍କ ସମ୍ମୁଖରେ ବୟାନ ଦେଇଥିଲେ ଯେ ସେମାନେ ଏଏଲସି ସହିତ ତା 16.12.1978 ରିଖର ରାଜିନାମା ସମ୍ପାଦନ କରିଥିଲେ ଏବଂ ତାହାକୁ ପାଳନ କରୁଛନ୍ତି ।

ତା 11 ସେପ୍ଟେମ୍ବର, 1987 ରିଖର ଏକ ରାୟ ଏବଂ ଆଦେଶ ଦ୍ୱାରା ଅତିରିକ୍ତ ସହକାରୀ ବିଚାରପତି (ଏହା ପରେ "ସନ୍ଦର୍ଭ ନ୍ୟାୟାଳୟ" ଭାବରେ ଅଭିହିତ) କହିଲେ ଯେ ବିଶେଷ ଭୂମି ଅଧିଗ୍ରହଣ ଅଧିକାରୀ ଭୁଲବଶତଃ ଭୂମିଗୁଡ଼ିକୁ ଚାରୋଟି ଶ୍ରେଣୀରେ ବିଭକ୍ତ କରିଥିଲେ ଯେହେତୁ ସମସ୍ତ ଭୂମି ସନ୍ନିହିତ ରୂପେ ଏବଂ ସମାନ ଭାବରେ ଅବସ୍ଥିତ ଥିଲା ଏବଂ, ତେଣୁ, ଏକ ସମାନ ହାରରେ କ୍ଷତିପୂରଣ ପ୍ରଦାନ କରାଯିବା ଆବଶ୍ୟକ ଥିଲା । ବିକ୍ରୟ ଦୃଷ୍ଟାନ୍ତଗୁଡ଼ିକ ଆଧାରରେ, ସନ୍ଦର୍ଭ ନ୍ୟାୟାଳୟ ଭୂମିର ବଜାର ମୂଲ୍ୟ ହେକ୍ଟର ପିଛା 4 ଲକ୍ଷ ଟଙ୍କା ସ୍ଥିର କଲେ ଏବଂ ସେହି ଅନୁସାରେ ହେକ୍ଟର ପିଛା 4 ଲକ୍ଷ ଟଙ୍କା, ଅର୍ଥାତ୍ ବର୍ଗ ଫୁଟ ପିଛା 3.71 ଟଙ୍କା ହାରରେ କ୍ଷତିପୂରଣ ପ୍ରଦାନ କଲେ । ପ୍ରତ୍ୟେକ ଭୂମି ମାଲିକଙ୍କର ସେମାନଙ୍କ ଉତ୍ତରରେ ଥିବା ବ୍ୟକ୍ତବ୍ୟ ସହିତ ସେମାନଙ୍କର ସାକ୍ଷ୍ୟ ଉପରେ ଭରସା କରି, ଯେଉଁଥିରେ ସେମାନେ ଦର୍ଶାଇଥିଲେ ଯେ ବର୍ଗ ଫୁଟ ପିଛା 1.35 ଟଙ୍କାରୁ ଅଧିକ ପ୍ରଦାନ କରାଯାଇଥିବା କ୍ଷତିପୂରଣ ଏଏଲସି କୁ ଯିବା ଉଚିତ, ସନ୍ଦର୍ଭ ନ୍ୟାୟାଳୟ କହିଲେ ଯେ ଉଭୟ ଦାବିଦାର ମିଳିତ ଭାବେ ବର୍ଦ୍ଧିତ କ୍ଷତିପୂରଣ ପାଇବାକୁ ହକଦାର ଅଟନ୍ତି ଏବଂ ଆହୁରି ମଧ୍ୟ ନିର୍ଦ୍ଦେଶ ଦେଲେ ଯେ:

> "ଉଭୟ ଦାବିଦାରଙ୍କ ମଧ୍ୟରେ ଅଂଶବଣ୍ଟନର ପ୍ରଶ୍ନ ଉଠିବ ନାହିଁ, କାରଣ ପ୍ରତ୍ୟେକ ସନ୍ଦର୍ଭ ମାମଲାରେ ଦାବିଦାର ସଂଖ୍ୟା 1 ନିଜର ଜବାବ ଦାଖଲ କରିବା ସହିତ ମୌଖିକ ବୟାନ ଦେଇ ବର୍ଦ୍ଧିତ କ୍ଷତିପୂରଣ ରାଶିରୁ ନିଜର ଅଧିକାର ପ୍ରତ୍ୟାହାର କରିଛନ୍ତି । ତେଣୁ ଏହି ରାଶି ଦାବିଦାର ସଂଖ୍ୟା 2 କୁ ପ୍ରଦାନ କରାଯାଉ ।"

ରାଜ୍ୟ ସରକାର ସନ୍ଦର୍ଭ ନ୍ୟାୟାଳୟଙ୍କ ତା 11.9.1987 ରିଖର ପୂର୍ବୋକ୍ତ ଆଦେଶକୁ ଆପତ୍ତି କରି ଗୁଜରାଟ ଉଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ଭୂମି ଅଧିଗ୍ରହଣ ଅଧିକାରୀଙ୍କ ମାଧ୍ୟମରେ 36 ଟି ଆବେଦନ ଦାଖଲ କଲେ । ଆମ୍ଭ ସମ୍ମୁଖରେ ଥିବା 35 ଜଣ ଦାବିଦାର ଏକ ସାଧାରଣ କ୍ଷମତାପତ୍ର ସମ୍ପାଦନ କଲେ, ଯାହା ଦ୍ୱାରା ଏଏଲସି ର ଜଣେ ଅଂଶୀଦାର ମଣିଭାଇ ମଙ୍ଗଳଭାଇ ପଟେଲଙ୍କୁ, ରାଜ୍ୟ ଦ୍ୱାରା ଦାଖଲ କରାଯାଇଥିବା ପ୍ରଥମ ଆବେଦନରେ ପ୍ରତି-ଆପତ୍ତି, ଏହି ନ୍ୟାୟାଳୟରେ ସ୍ୱତନ୍ତ୍ର ଅନୁମତି ଆବେଦନ କିମ୍ବା ଏଲପିଏ, ସମୀକ୍ଷା, ପୁନଃ ନିରୀକ୍ଷଣ ଆବେଦନ ଇତ୍ୟାଦି ଏହି ନ୍ୟାୟାଳୟରେ କିମ୍ବା ଉଚ୍ଚ ନ୍ୟାୟାଳୟରେ ଦାଖଲ କରିବାକୁ କ୍ଷମତାପନ୍ନ କରାଗଲା ଏବଂ ଭବିଷ୍ୟତରେ ସ୍ୱତନ୍ତ୍ର ଭୂମି ଅଧିଗ୍ରହଣ ଅଧିକାରୀଙ୍କ ଠାରୁ କିମ୍ବା ନ୍ୟାୟାଳୟଗୁଡ଼ିକରୁ କିମ୍ବା ବ୍ୟାଙ୍କ

ବା ସରକାରୀ କୋଷାଗାରରୁ ନଗଦ, ଚେକ କିମ୍ବା ଡିମାଣ୍ଡ ଡ୍ରାଫ୍ଟ ଇତ୍ୟାଦି ମାଧ୍ୟମରେ ପ୍ରାପ୍ତ ହେବାକୁ ଥିବା କ୍ଷତିପୂରଣ, ସୁଧ ଏବଂ ଖର୍ଚ୍ଚ ସେମାନଙ୍କ ପକ୍ଷରୁ ଗ୍ରହଣ କରିବା ପାଇଁ କ୍ଷମତା ପ୍ରଦାନ କରାଗଲା । ଏଏଲସି ଉକ୍ତ ଆବେଦନଗୁଡ଼ିକ ବିରୁଦ୍ଧରେ ପ୍ରତି-ଆପତ୍ତି ଦାଖଲ କଲା ।

ଗୁଜରାଟ ଉଚ୍ଚ ନ୍ୟାୟାଳୟ ଆକ୍ଷେପିତ ରାୟ ଏବଂ ଆଦେଶ ଦ୍ୱାରା ବିବାଦୀୟ ଭୂମିର ମୂଲ୍ୟକୁ ସନ୍ଦର୍ଭ ନ୍ୟାୟାଳୟଙ୍କ ଦ୍ୱାରା ନିର୍ଦ୍ଧାରିତ 3.71 ଟଙ୍କା ବଦଳରେ ବର୍ଗ ଫୁଟ ପିଛା 1.୫୫ ଟଙ୍କାକୁ ହ୍ରାସ କଲେ । ଅଧିନିୟମର ଧାରା 23(2) ଅଧୀନରେ 30% ହାରରେ ସାନ୍ତ୍ୱନାମୂଳକ ରାଶି ପ୍ରଦାନ କରୁଥିବା ସନ୍ଦର୍ଭ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ବଜାୟ ରଖାଗଲା କିନ୍ତୁ ଅଧିନିୟମର ଧାରା 23(1A) ଅଧୀନରେ ଥିବା ଅତିରିକ୍ତ ପରିମାଣକୁ ଅନୁମତି ଦିଆଯାଇନଥିଲା । ଉଚ୍ଚ ନ୍ୟାୟାଳୟଙ୍କ ପୂର୍ବୋକ୍ତ ରାୟ ଏବଂ ଆଦେଶରେ ବ୍ୟଥିତ ହୋଇ ବର୍ତ୍ତମାନର ଆବେଦନଗୁଡ଼ିକ ଦାଖଲ କରାଯାଇଛି ।

35 ଜଣ ଦାବିଦାର-ଆବେଦନକାରୀଙ୍କ ମଧ୍ୟରୁ 22 ଜଣ ଦାବିଦାର-ଆବେଦନକାରୀ ସ୍ୱତନ୍ତ୍ର ଅନୁମତି ପାଇଁ ସେମାନଙ୍କ ଆବେଦନକୁ ଅଲଗା କରିବା ପାଇଁ ଏକ ଆବେଦନ ଦାଖଲ କରିଥିଲେ । ଏହି ଆବେଦନରେ ଅନ୍ୟାନ୍ୟ ବିଷୟଗୁଡ଼ିକ ମଧ୍ୟରେ, ଦର୍ଶାଉଛି ଯେ, ତା 16.12.197୫ ରିଖର ରାଜିନାମା ଆଇନଗତ ଭାବେ ତ୍ରୁଟିପୂର୍ଣ୍ଣ, ଅନ୍ୟାୟ, ଅସମାନୁପାତିକ ଏବଂ ସର୍ବସାଧାରଣ ନୀତିର ବିରୁଦ୍ଧ ବୋଲି ଦର୍ଶାଇ ନଦିଆଦର ଦେୱାନୀ ନ୍ୟାୟାଳୟଙ୍କ ସମ୍ମୁଖରେ ଆପତ୍ତି କରାଯାଇଛି । ଆବେଦନକାରୀମାନେ ତା 27.2.1992 ରିଖର ଓକିଲଙ୍କ ନୋଟିସ ମାଧ୍ୟମରେ ଏଏଲସି କୁ ଦିଆଯାଇଥିବା କଥିତ କ୍ଷମତାପତ୍ରକୁ ନିର୍ଦ୍ଦିଷ୍ଟ ଭାବେ ପ୍ରତ୍ୟାହାର କରିଛନ୍ତି । କ୍ଷମତାପତ୍ର ରଦ୍ଦକରଣର ଏହି ନୋଟିସ ବରୋଦାରୁ ପ୍ରକାଶିତ ଏକ ଗୁଜରାଟୀ ଦୈନିକ ଖବରକାଗଜ "ଗୁଜରାଟ ସମାଚାର" ରେ ତା 3.3.1992 ରିଖରେ ପ୍ରକାଶିତ ହୋଇଥିଲା । ଆବେଦନକାରୀମାନଙ୍କର ସ୍ୱାର୍ଥ ଏଏଲସି ର ସ୍ୱାର୍ଥ ସହିତ ସଂଘର୍ଷ କରୁଥିଲା ଏବଂ ଏହାକୁ ଦୃଷ୍ଟିରେ ରଖି, ନ୍ୟାୟର ସ୍ୱାର୍ଥରେ ଆବେଦନକାରୀମାନଙ୍କର ଆବେଦନ ପାଇଁ ଥିବା ସ୍ୱତନ୍ତ୍ର ଅନୁମତି ଆବେଦନକୁ ପୃଥକ କରିବା ଅତ୍ୟାବଶ୍ୟକ ଅଟେ ଏବଂ ସେମାନଙ୍କୁ ସେମାନଙ୍କ ପସନ୍ଦର ଅନ୍ୟ ଜଣେ ଓକିଲଙ୍କ ଦ୍ୱାରା ପ୍ରତିନିଧିତ୍ୱ କରିବାକୁ ଅନୁମତି ଦିଆଯାଉ । ଏଏଲସି ବିଭିନ୍ନ ଆଧାରରେ ଦାବିଦାରମାନଙ୍କ ଦ୍ୱାରା ଦାଖଲ କରାଯାଇଥିବା ଆବେଦନକୁ ବିରୋଧ କରିଛି ।

ଏହି ଆବେଦନଗୁଡ଼ିକରେ ବିଚାର ପାଇଁ ଦୁଇଟି ପ୍ରସଙ୍ଗ ଉଠୁଛି । ପ୍ରଥମ ପ୍ରସଙ୍ଗଟି ଏହିକି ଯେ ଅଧିଗ୍ରହଣ କରାଯାଇଥିବା ଜମି ପାଇଁ ଦାବିଦାର/ଏଏଲସି ଙ୍କୁ ପ୍ରଦାନ କରାଯିବାକୁ ଥିବା ଉଚିତ କ୍ଷତିପୂରଣ ନିର୍ଦ୍ଧାରଣ କରିବା । ଏହି ପ୍ରସଙ୍ଗରେ, ଏଏଲସି ଏବଂ ସେମାନଙ୍କର ସ୍ୱତନ୍ତ୍ର ଅନୁମତି ଆବେଦନକୁ ପୃଥକ କରିବା ପାଇଁ ଆବେଦନ ଦାଖଲ କରିଥିବା 22 ଜଣ ଦାବିଦାରଙ୍କ ସମେତ ଅନ୍ୟ ଦାବିଦାରମାନଙ୍କର ସ୍ୱାର୍ଥ ସମାନ ଅଟେ । ଦ୍ୱିତୀୟ ପ୍ରସଙ୍ଗଟି ଏହିକି ଯେ 22 ଜଣ ଦାବିଦାର-ଆବେଦନକାରୀଙ୍କ ପରସ୍ପର ମଧ୍ୟରେ ଆନ୍ତଃ ବିବାଦ, ଯେଉଁମାନେ ସେମାନଙ୍କ ସ୍ୱତନ୍ତ୍ର ଅନୁମତି ଆବେଦନରେ ଅଲଗା କରିବା ପାଇଁ ଆବେଦନ କରିଛନ୍ତି, ଏତଦ୍ ବ୍ୟତୀତ ଏଏଲସି ଙ୍କ ସପକ୍ଷରେ ସେମାନେ ବର୍ଗ ଫୁଟ ପିଛା 1.35 ଟଙ୍କାରୁ ଅଧିକ କ୍ଷତିପୂରଣ ପାଇବାର ଅଧିକାରକୁ ହସ୍ତାନ୍ତର କରିଛନ୍ତି ।

ପ୍ରଥମ ପ୍ରସଙ୍ଗ ଉପରେ ସାକ୍ଷ୍ୟ ପ୍ରମାଣର ଅନୁଧ୍ୟାନ କରିବା ପରେ ଏହା ଦେଖାଯାଇଛି ଯେ ଦାବିଦାରମାନେ ବିକ୍ରୟର ତିନୋଟି ଦୃଷ୍ଟାନ୍ତ ଉପରେ ନିର୍ଭର କରିଥିଲେ । ପ୍ରଥମଟି ଗୋରୱା ଗ୍ରାମର ସର୍ବେକ୍ଷଣ ସଂଖ୍ୟା ୫ ର ବିକ୍ରୟ ଥିଲା, ଯେଉଁଥିରେ ବିକ୍ରୟ ପାଇଁ ରାଜିନାମା ତା 25.6.1972 ରିଖରେ ସମ୍ପାଦିତ ହୋଇଥିଲା । ଗୃହନିର୍ମାଣ ସମିତିକୁ ବର୍ଗ ଫୁଟ ପିଛା 3.50 ଟଙ୍କା ହାରରେ ଭୂମି ବିକ୍ରୟ କରିବାକୁ ସହମତି ହୋଇଥିଲା । ରାଜ୍ୟ

ସରକାରଙ୍କ ଠାରୁ ଆବଶ୍ୟକ ଅନୁମତି ପାଇବା ପରେ ଛଅ ମାସ ମଧ୍ୟରେ ବିକ୍ରି ଦଲିଲ ନିଷ୍ପାଦିତ ହେବାର ଥିଲା । ଉକ୍ତ ସର୍ତ୍ତ ଯୋଗୁଁ ପ୍ରକୃତ ବିକ୍ରି ଦଲିଲ 1979 ରେ ସମ୍ପାଦିତ ହୋଇଥିଲା । ପରବର୍ତ୍ତୀ ବିକ୍ରୟ ଦୃଷ୍ଟାନ୍ତ ସର୍ବେକ୍ଷଣ ସଂଖ୍ୟା 9 ସମ୍ବନ୍ଧରେ ଥିଲା । ବିକ୍ରୟ ଦଲିଲଗୁଡ଼ିକ ଯଥାକ୍ରମେ, ତା 30.11.1973, 1.12.1973, 4.12.1973, 5.12.1972 ଏବଂ 6.12.1973 ରିଖର ପ୍ରଦର୍ଶ 71 ରୁ 75 ଅଟେ । ଏହି ଭୂମିକୁ ବର୍ଗ ଫୁଟ ପିଛା 2.38 ଟଙ୍କା ହାରରେ ବିକ୍ରୟ କରାଯାଇଥିଲା । ତୃତୀୟ ବିକ୍ରୟ ଦୃଷ୍ଟାନ୍ତ ଗୋରୱା ଗ୍ରାମର ଆବାଦି ଡିହ ମଧ୍ୟରେ ଅବସ୍ଥିତ ଭୂମି ପାଇଁ ତା 5 ଡିସେମ୍ବର 1973 ରିଖରେ ସମ୍ପାଦିତ ହୋଇଥିଲା, ଯାହାକି ବର୍ଗ ଫୁଟ ପିଛା 7 ଟଙ୍କା ହାରରେ ବିକ୍ରୟ ହୋଇଥିଲା । ଉଚ୍ଚ ନ୍ୟାୟାଳୟ ପ୍ରଥମ ବିକ୍ରୟ ଦୃଷ୍ଟାନ୍ତକୁ ଏହି ଆଧାରରେ ପ୍ରତ୍ୟାଖ୍ୟାନ କରିଦେଲେ ଯେ ବିକ୍ରୟ ଦଲିଲ ଦ୍ୱାରା ବିକ୍ରି ହୋଇଥିବା ଭୂମି ଅଧିଗ୍ରହଣ ଅଧୀନରେ ଥିବା ଭୂମି ଅପେକ୍ଷା ଉତ୍ତମ ସ୍ଥାନରେ ଅବସ୍ଥିତ ଥିଲା । ଅଧିକନ୍ତୁ, ବିକ୍ରୟର ପକ୍ଷମାନେ ବିକ୍ରୟ ପ୍ରକ୍ରିୟା ଅଳ୍ପ ସମୟ ମଧ୍ୟରେ ସମ୍ପୂର୍ଣ୍ଣ ହେବ ବୋଲି ଆଶା କରିନଥିଲେ ଏବଂ ପ୍ରଚଳିତ ମୂଲ୍ୟ ଅପେକ୍ଷା ଅଧିକ ମୂଲ୍ୟ ନିର୍ଦ୍ଧାରଣ କରିବା ପାଇଁ ଏହି କାରକକୁ ନିଶ୍ଚିତ ଭାବେ ଧ୍ୟାନରେ ରଖାଯାଇଥିବ । ତୃତୀୟ ବିକ୍ରି ଦଲିଲରେ ବାଦ ଦିଆଯାଇଥିଲା ଯେହେତୁ ତାହା ଆବାଦି ଅଞ୍ଚଳରେ ଅବସ୍ଥିତ ଥିଲା ।

ଉଚ୍ଚ ନ୍ୟାୟାଳୟ ଦ୍ୱିତୀୟ ଦୃଷ୍ଟାନ୍ତକୁ ଗ୍ରହଣ କଲେ, ଯେଉଁଠାରେ ଭୂମି ବର୍ଗ ଫୁଟ ପିଛା 2.38 ଟଙ୍କାରେ ବିକ୍ରୟ କରାଯାଇଥିଲା କିନ୍ତୁ ଏହାକୁ ବର୍ଗ ଫୁଟ ପିଛା 0.50 ପଇସା ହ୍ରାସ କଲେ । ଏହା କୁହାଯାଇଥିଲା ଯେ ପ୍ରଥମ ପ୍ରର୍ଯ୍ୟାୟରେ ଦତ୍ତ ଭୂମି ନିଗମକୁ ବର୍ଗ ଫୁଟ ପିଛା 1.88 ଟଙ୍କାରେ ଭୂମି ବିକ୍ରୟ କରିବାକୁ ସମ୍ମତି ପ୍ରକାଶ ପାଇଥିଲା, ଯିଏ କି ପରବର୍ତ୍ତୀ ସମୟରେ ଜୟ ସତ୍ୟନାରାୟଣ ସମବାୟ ଗୃହନିର୍ମାଣ ସମିତିକୁ ବର୍ଗ ଫୁଟ ପିଛା 2.38 ଟଙ୍କାରେ ବିକ୍ରୟ କରିଥିଲେ । ଉଚ୍ଚ ନ୍ୟାୟାଳୟ ବର୍ଗ ଫୁଟ ପିଛା 0.50 ପଇସା ହ୍ରାସ କଲେ କାରଣ ଦତ୍ତ ଭୂମି ନିଗମର ଭୂମିର କୌଣସି ଆବଶ୍ୟକତା ନଥିଲା ଏବଂ ସେମାନଙ୍କ ଦ୍ୱାରା କରାଯାଇଥିବା କାରବାର ସଚ୍ଚାବାଜି ବା କଳ୍ପନାପ୍ରସୂତ ପ୍ରକୃତିର ଥିଲା । ଦତ୍ତ ଭୂମି ନିଗମକୁ ପ୍ରଦାନ କରାଯାଇଥିବା ପ୍ରତିଫଳ ରାଶିକୁ ବର୍ଗ ଫୁଟ ପିଛା 2.38 ଟଙ୍କାର ବିକ୍ରୟ ମୂଲ୍ୟରୁ ହ୍ରାସ କରାଗଲା, ଏବଂ ଏହିପରି ଭାବେ ଭୂମିର ବଜାର ମୂଲ୍ୟ ବର୍ଗ ଫୁଟ ପିଛା 1.88 ଟଙ୍କା ସ୍ଥିର କରାଗଲା । ବିକ୍ରୟର ଦ୍ୱିତୀୟ ଦୃଷ୍ଟାନ୍ତ ଉପରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ଆଭିମୁଖ୍ୟ ସହ ଆମ୍ଭେ ସହମତ ହେବାକୁ ଅସମର୍ଥ ଅଟୁ । ଦତ୍ତ ଭୂମି ନିଗମକୁ କରାଯାଇଥିବା ପ୍ରଦାନକୁ ହ୍ରାସ କରିବାର କୌଣସି ଯଥାର୍ଥତା ନଥିଲା । ଥରେ ବର୍ଗ ଫୁଟ ପିଛା 2.38 ଟଙ୍କାର ବିକ୍ରୟ ମୂଲ୍ୟକୁ ଡିସେମ୍ବର 1973 ରେ ପ୍ରଚଳିତ ମୂଲ୍ୟ ଭାବରେ ସ୍ୱୀକାର କରାଯିବା ପରେ, ମଧ୍ୟବର୍ତ୍ତୀ ବ୍ୟକ୍ତିଙ୍କୁ ପ୍ରଦାନ କରାଯାଇଥିବା ରାଶି ଅନୁସାରେ ଏହାକୁ ହ୍ରାସ କରାଯାଇପାରିବ ନାହିଁ, ଯାହାଙ୍କ ସପକ୍ଷରେ ବିକ୍ରୟ ପାଇଁ ପ୍ରଥମ ରାଜିନାମା ସମ୍ପାଦିତ ହୋଇଥିଲା । ଭୂମିର ମୂଲ୍ୟକୁ ଏହି ଆଳରେ ହ୍ରାସ କରାଯାଇପାରିବ ନାହିଁ ଯେ ମଧ୍ୟସ୍ଥ ବ୍ୟକ୍ତି ବର୍ଗ ଫୁଟ ପିଛା 1.88 ଟଙ୍କାରେ ଭୂମି କ୍ରୟ କରିବାକୁ ସମ୍ମତି ପ୍ରକାଶ କରିବା ପରେ ପରବର୍ତ୍ତୀ ସମୟରେ ବର୍ଗ ଫୁଟ ପିଛା ଟଙ୍କା 0.50 ପଇସା ଲାଭ କରି ବର୍ଗ ଫୁଟ ପିଛା 2.38 ଟଙ୍କାରେ କ୍ରେତାଙ୍କୁ ସେହି ଭୂମିକୁ ବିକ୍ରୟ କରିଥିଲେ ।

ପ୍ରଥମ ବିକ୍ରୟ ଦୃଷ୍ଟାନ୍ତରେ ସର୍ବେକ୍ଷଣ ସଂଖ୍ୟା 8 ପାଇଁ ସ୍ୱୀକୃତ ବିକ୍ରୟ ମୂଲ୍ୟ ଥିବା ବର୍ଗ ଫୁଟ ପିଛା ଟଙ୍କା 3.50 ର ମୂଲ୍ୟକୁ ଏହି ସରଳ କାରଣ ପାଇଁ ଗ୍ରହଣ କରାଯାଇପାରିବ ନାହିଁ ଯେ, ସର୍ବେକ୍ଷଣ ସଂଖ୍ୟା 8 (ପ୍ରଥମ ବିକ୍ରୟ ଦୃଷ୍ଟାନ୍ତ) ର ଭୂମି ଏବଂ ସର୍ବେକ୍ଷଣ ସଂଖ୍ୟା 9 (ଦ୍ୱିତୀୟ ବିକ୍ରୟ ଦୃଷ୍ଟାନ୍ତ) ର ଭୂମି ପରସ୍ପର ସହିତ ସଂଲଗ୍ନ ଅଟନ୍ତି । ଦ୍ୱିତୀୟ ବିକ୍ରୟ ଦୃଷ୍ଟାନ୍ତର ବିକ୍ରୟ ଡିସେମ୍ବର, 1973 ରେ ହୋଇଥିଲା ଏବଂ ସେହି ସମୟରେ ପ୍ରଚଳିତ

ମୂଲ୍ୟ ବର୍ଗ ଫୁଟ ପିଛା 2.38 ଟଙ୍କା ଥିଲା । ତେଣୁ, 25 ଜୁନ, 1972 ରେ ସର୍ବେକ୍ଷଣ ସଂଖ୍ୟା 8 ରେ ଥିବା ସଂଲଗ୍ନ ଭୂମିର ମୂଲ୍ୟ ବର୍ଗ ଫୁଟ ପିଛା ଟଙ୍କା 3.50 ହୋଇ ନଥାଇପାରେ । ଏହାକୁ ଅତିରଞ୍ଜିତ ଭାବେ ବଢ଼ାଇ ଚଢ଼ାଇ କୁହାଯାଇଥିବା ପରି ମନେହେଉଛି । ଯେହେତୁ ପକ୍ଷମାନେ ବିକ୍ରୟ ଦଲିଲ ଅଳ୍ପ ସମୟ ମଧ୍ୟରେ ସମ୍ପୂର୍ଣ୍ଣ ହେବ ବୋଲି ଆଶା କରିନଥିଲେ, ତେଣୁ ପ୍ରଚଳିତ ମୂଲ୍ୟ ଅପେକ୍ଷା ଅଧିକ ହାରରେ ମୂଲ୍ୟ ନିର୍ଦ୍ଧାରଣ କରିବା ସମୟରେ ସେମାନେ ନିଶ୍ଚିତ ଭାବେ ଏହି କାରକକୁ ଧ୍ୟାନରେ ରଖିଥିବେ । ବିକ୍ରୟ ପାଇଁ ରାଜିନାମାଗୁଡ଼ିକ 1972 ର ଥିଲା ଯେତେବେଳେ କି ବିକ୍ରୟ ଦଲିଲଗୁଡ଼ିକ 1979 ରେ ସମ୍ପାଦିତ ହୋଇଥିଲା । ତୃତୀୟ ବିକ୍ରୟ ଦୃଷ୍ଟାନ୍ତ ଯାହାକି ଆବାଦି ଭୂମିର ଥିଲା, ତାହାକୁ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ସଠିକ୍ ଭାବରେ ପ୍ରତ୍ୟାଖ୍ୟାନ କରାଯାଇଥିଲା ।

ଆମ୍ଭଙ୍କୁ ଦେଖାଯାଇଥିବା ମାନଚିତ୍ରରୁ ଆମ୍ଭେ ଦେଖିବାକୁ ପାଉଛୁ ଯେ ଅଧିଗ୍ରହିତ ଭୂମି ସର୍ବେକ୍ଷଣ ସଂଖ୍ୟା 8 ଏବଂ 9 ଠାରୁ ବେଶୀ ଦୂରରେ ନାହିଁ । ଉଭୟ ମଧ୍ୟରେ ମୋଟ ଦୂରତା ପରସ୍ପର ଠାରୁ 60 ରୁ 70 ଗଜରୁ ଅଧିକ ହୋଇନପାରେ । ଏହି ସମସ୍ତ କାରକକୁ ଧ୍ୟାନରେ ରଖି, ଆମର ଏହି ମତ ଯେ ଡିସେମ୍ବର, 1973 ର ପ୍ରଥମ ସପ୍ତାହରେ ଅଧିଗୃହିତ ଭୂମିର ପ୍ରଚଳିତ ବଜାର ମୂଲ୍ୟ ବର୍ଗ ଫୁଟ ପିଛା 2.38 ଟଙ୍କା ଥିଲା । ମେ 1974 ରେ ଯେତେବେଳେ ଧାରା 4 ଅଧୀନରେ ବିଜ୍ଞପ୍ତି ଜାରି କରାଯାଇଥିଲା, ସେତେବେଳେ ମୂଲ୍ୟ ବର୍ଗ ଫୁଟ ପିଛା 2.38 ଟଙ୍କାରୁ ସାମାନ୍ୟ ଅଧିକ ହୋଇଥାଇପାରେ ଯେହେତୁ ଉଲ୍ଲେଖିତ ଭୂମି ଅବସ୍ଥିତ ଥିବା ଅଞ୍ଚଳରେ ଏବଂ ଏହାର ଆଖପାଖରେ ଦ୍ରୁତ ବିକାଶ ଚାଲିଥିଲା । ସର୍ବେକ୍ଷଣ ସଂଖ୍ୟା 8 ଅନ୍ତର୍ଭୁକ୍ତ ଯେଉଁ ଭୂମି ବିକ୍ରୟ କରାଯାଇଥିଲା, ତାର ପରିମାଣ 2800 ବର୍ଗ ଗଜ ଥିଲା । ଏହି ତଥ୍ୟକୁ ଧ୍ୟାନରେ ରଖି ଯେ ବୃହତ ଭୂମିଗୁଡ଼ିକ ଛୋଟ ଭୂମି ଖଣ୍ଡ ପରି ସମାନ ମୂଲ୍ୟ ପାଇନଥା'ନ୍ତି ଏବଂ ଭୂମିର ବିକାଶ ପାଇଁ ଏକ ବଡ଼ ପରିମାଣର ଅର୍ଥ ଖର୍ଚ୍ଚ କରିବା ଆବଶ୍ୟକ ହୋଇଥାଏ, ଆମ୍ଭେ ଭୂମିର ମୂଲ୍ୟ ବର୍ଗ ଫୁଟ ପିଛା 1.88 ଟଙ୍କା ବଦଳରେ 2.00 ଟଙ୍କା ସ୍ଥିର କରୁଛୁ ଏବଂ ଏହିପରି ଭାବେ କ୍ଷତିପୂରଣକୁ ବର୍ଗ ଫୁଟ ପିଛା ଟଙ୍କା 0.12 ପଇସା ବୃଦ୍ଧି କରୁଛୁ । ଦାବିଦାରମାନେ 30% ହାରରେ ବୈଧାନିକ ସାନ୍ତ୍ୱନାମୂଳକ ରାଶି ପାଇବାକୁ ହକଦାର ହେବେ, ଯେପରି ଏହି ନ୍ୟାୟାଳୟଙ୍କ ଏକ ସମ୍ବିଧାନ ପୀଠ ଦ୍ୱାରା *ଭାରତ ସଂଘ ଏବଂ ଅନ୍ୟଜଣେ* ବନାମ *ଆଇନଗତ ଦାୟାଦମାନଙ୍କ ମାଧ୍ୟମରେ ରଘୁବୀର ସିଂହ (ମୃତ)* ଇତ୍ୟାଦି, [1989] 2 ଏସସିସି 754 ମାମଲାରେ କୁହାଯାଇଛି, ଯେହେତୁ ସନ୍ଦର୍ଭ ନ୍ୟାୟାଳୟଙ୍କ ଅଧିନିର୍ଣ୍ଣୟ 1984 ର ସଂଶୋଧନ ଅଧିନିୟମ ଦ୍ୱାରା ପ୍ରଣୀତ ସଂଶୋଧନଗୁଡ଼ିକ ପ୍ରଭାବୀ ହେବା ପରେ କରାଯାଇଥିଲା ।

ଦାବିଦାରମାନଙ୍କ ପାଇଁ ଉପସ୍ଥିତ ଥିବା ଅଧିବକ୍ତା ତର୍କ ଉପସ୍ଥାପନ କଲେ ଯେ, ଦାବିଦାରମାନେ ଅଧିନିୟମର ଧାରା 23(1A) ଅଧୀନରେ ପ୍ରଦତ୍ତ ବ୍ୟବସ୍ଥା ଅନୁସାରେ 12% ହାରରେ ଅତିରିକ୍ତ କ୍ଷତିପୂରଣ ପାଇବାକୁ ହକଦାର ହେବେ । ଏହି ନ୍ୟାୟାଳୟଙ୍କ ଏକ ଖଣ୍ଡପୀଠର ନିଷ୍ପତ୍ତି '*ଭାରତ ସଂଘ ଏବଂ ଅନ୍ୟମାନେ* ବନାମ *ଫିଲିପ ଟିଆଗୋ ଡି ଗାମା ଅଫ ଭେଡେମ ଭାସ୍କୋ ଡି ଗାମା,* [1990] 1 ଏସସିସି 277' କୁ ଦୃଷ୍ଟିରେ ରଖି ଏହି ତର୍କକୁ ଗ୍ରହଣ କରାଯାଇପାରିବ ନାହିଁ, ଯେଉଁଥିରେ କୁହଯାଇଥିଲା ଯେ ଯେଉଁ ମାମଲାରେ ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ ହୋଇଥିଲା ଏବଂ ଜିଲ୍ଲାପାଳଙ୍କ ଦ୍ୱାରା 30 ଏପ୍ରିଲ, 1982 ପୂର୍ବରୁ ଅଧିନିର୍ଣ୍ଣୟ କରାଯାଇଥିଲା, ସେଥିରେ ଦାବିଦାରଙ୍କୁ ଅଧିନିୟମର ଧାରା 23(1A) ଅଧୀନରେ ଅତିରିକ୍ତ କ୍ଷତିପୂରଣ ମିଳିବ ନାହିଁ । ଯଦି ଜିଲ୍ଲାପାଳ 30 ଏପ୍ରିଲ, 1982 ପୂର୍ବରୁ ଅଧିନିର୍ଣ୍ଣୟ କରିସାରିଥା'ନ୍ତି, ତେବେ ଧାରା 23(1A) ଅଧୀନରେ ଅତିରିକ୍ତ ପରିମାଣ ପ୍ରଦାନ କରାଯାଇପାରିବ ନାହିଁ । ଅଧିନିୟମର ଧାରା 23(1A) ଅଧୀନରେ ଲାଭ ପାଇବା ପାଇଁ

ଜିଲ୍ଲାପାଳଙ୍କ ସମ୍ମୁଖରେ 30 ଏପ୍ରିଲ, 1982 ସୁଦ୍ଧା ଅଧିଗ୍ରହଣ ପ୍ରକ୍ରିୟା ବିଚାରାଧୀନ ରହିବା ଅତ୍ୟାବଶ୍ୟକ ଥିଲା । ଏଥିରେ କୁହାଯାଇଥିଲା:

> "ଧାରା 23(1-A) ଅଧୀନରେ ପ୍ରଦତ୍ତ ଅତିରିକ୍ତ ପରିମାଣର ପ୍ରାପ୍ୟତା 30 ଏପ୍ରିଲ, 1982 ସୁଦ୍ଧା ଅଧିଗ୍ରହଣ ପ୍ରକ୍ରିୟା ବିଚାରାଧୀନ ରହିବା କିମ୍ବା ସେହି ତାରିଖ ପରେ ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ ହେବା ଉପରେ ନିର୍ଭର କରେ । ଧାରା 30 ର ଉପ-ଧାରା 1(a) ବ୍ୟବସ୍ଥା କରେ ଯେ ଧାରା 23(1-A) ଅଧୀନରେ ପ୍ରଦତ୍ତ ଅତିରିକ୍ତ ପରିମାଣ 30 ଏପ୍ରିଲ, 1982 ସୁଦ୍ଧା ଜିଲ୍ଲାପାଳଙ୍କ ସମ୍ମୁଖରେ ବିଚାରାଧୀନ ଥିବା ସେହିପରି ଅଧିଗ୍ରହଣ ପ୍ରକ୍ରିୟାଗୁଡ଼ିକ ପାଇଁ ପ୍ରଯୁଜ୍ୟ ହେବ, ଯେଉଁଥିରେ ସେ ସେହି ତାରିଖ ପୂର୍ବରୁ ଅଧିନିର୍ଣ୍ଣୟ କରିନଥା'ନ୍ତି । ଯଦି ଜିଲ୍ଲାପାଳ ସେହି ତାରିଖ ପୂର୍ବରୁ ଅଧିନିର୍ଣ୍ଣୟ କରିସାରିଥାନ୍ତି, ତେବେ ଉକ୍ତ ଅତିରିକ୍ତ ପରିମାଣ ପ୍ରଦାନ କରାଯାଇପାରିବ ନାହିଁ । ଧାରା 30 ର ଉପ-ଧାରା (1)(b) ବ୍ୟବସ୍ଥା କରେ ଯେ 24 ସେପ୍ଟେମ୍ବର, 1984 ପୂର୍ବରୁ ଜିଲ୍ଲାପାଳ ଅଧିନିର୍ଣ୍ଣୟ କରିଥାନ୍ତୁ ବା ନାହିଁ, ସେହି ତଥ୍ୟ ନିର୍ବିଶେଷରେ 30 ଏପ୍ରିଲ, 1982 ପରେ ଆରମ୍ଭ ହୋଇଥିବା ପ୍ରତ୍ୟେକ ଅଧିଗ୍ରହଣ ପ୍ରକ୍ରିୟା ପାଇଁ ଧାରା 23(1-A) ପ୍ରଯୋଜ୍ୟ ହେବ । ଅନ୍ତିମ ପ୍ରସଙ୍ଗଟି ଏହିକି ଯେ, ଧାରା 30 ର ଉପ-ଧାରା (1) ନ୍ୟାୟାଳୟଙ୍କ ଅଧିନିର୍ଣ୍ଣୟକୁ ଉଲ୍ଲେଖ କରେ ନାହିଁ ଏବଂ ନ୍ୟାୟାଳୟଙ୍କ ଅଧିନିର୍ଣ୍ଣୟ ଶବ୍ଦ କେବଳ ଧାରା 30 ର ଉପ-ଧାରା (2) ରେ ବ୍ୟବହୃତ ।"

ଉପରୋକ୍ତ ଉଲ୍ଲେଖିତ ମାମଲାର ବିପରୀତ ଦୃଷ୍ଟିକୋଣ ନେଇ କୌଣସି ରାୟ ଆମ୍ଭ ସମ୍ମୁଖରେ ଉପସ୍ଥାପନ କରାଯାଇନାହିଁ । ତଦନୁସାରେ, ଏହା କୁହାଯାଇଛି ଯେ ଆବେଦନକାରୀମାନେ ଅଧିନିୟମ 23 (1ଏ) ଅନୁଯାୟୀ ପ୍ରଦାନ କରାଯାଇଥିବା ଅତିରିକ୍ତ କ୍ଷତିପୂରଣ ପାଇବାକୁ ହକଦାର ହେବେ ନାହିଁ ।

ଏହା ଦେଖିବାକୁ ମିଳିବ ଯେ ସନ୍ଦର୍ଭ ନ୍ୟାୟାଳୟ ତଥା ଉଚ୍ଚ ନ୍ୟାୟାଳୟ ଉଭୟ କହିଛନ୍ତି ଯେ ଦାବିଦାରମାନେ ସେମାନଙ୍କ ବିଚାରାର୍ଥେ ପ୍ରେରଣ ଦରଖାସ୍ତଗୁଡ଼ିକରେ ସେମାନଙ୍କ ଦ୍ୱାରା କରାଯାଇଥିବା ସ୍ୱୀକୃତି ଏବଂ ନ୍ୟାୟାଳୟରେ ଦିଆଯାଇଥିବା ବିବୃତ୍ତିର ଦୃଷ୍ଟିରୁ ଏଏଲସି ସହିତ ସେମାନଙ୍କ ଦ୍ୱାରା ହୋଇଥିବା ରାଜିନାମା ଦ୍ୱାରା ବାଧିତ ଅଟନ୍ତି । ଦାବିଦାରମାନେ ସ୍ୱୀକାର କରିଥିଲେ ଯେ ସେମାନେ ବର୍ଗ ଫୁଟ ପିଛା 1.35 ଟଙ୍କାରୁ ଅଧିକ ପ୍ରଦେୟ କ୍ଷତିପୂରଣରେ ନିଜର ସ୍ୱାର୍ଥକୁ ଏଏଲସି ସପକ୍ଷରେ ହସ୍ତାନ୍ତର କରିବା ପାଇଁ ଏକ ରାଜିନାମା କରିଥିଲେ । ସେମାନେ ନିର୍ଦ୍ଦିଷ୍ଟ ଭାବେ ବ୍ୟକ୍ତ କରିଥିଲେ ଯେ ବର୍ଗ ଫୁଟ ପିଛା 1.35 ଟଙ୍କାରୁ ଅଧିକ କ୍ଷତିପୂରଣ ରାଶି ଏଏଲସି କୁ ପ୍ରଦାନ କରାଯାଉ । ଆମ୍ଭେ ଏହି ମାମଲା ଉପରେ କୌଣସି ମତପୋଷଣ କରୁନାହୁଁ, କାରଣ ଏହା ନଦିଆଦ ସ୍ଥିତ ଦେୱାନୀ ନ୍ୟାୟାଳୟରେ ଏଏଲସି ଏବଂ ସାତ ଜଣ ଦାବିଦାରମାନଙ୍କ ମଧ୍ୟରେ ଚାଲିଥିବା ମକଦ୍ଦମା ସଂଖ୍ୟା 156/1980 ରେ ପକ୍ଷମାନଙ୍କର ଅଧିକାରକୁ ପ୍ରତିକୂଳ ରୂପେ ପ୍ରଭାବିତ କରିପାରେ । ଯେଉଁ 22 ଜଣ ଦାବିଦାର-ଆବେଦନକାରୀ ସେମାନଙ୍କ ସ୍ୱାର୍ଥକୁ ଅଲଗା କରିବାକୁ ଅନୁରୋଧ କରିଛନ୍ତି, ସେମାନେ ସନ୍ଦର୍ଭ ନ୍ୟାୟାଳୟ କିମ୍ବା ଉଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ, ରାଜିନାମା ଅନୁସାରେ ଅଧିକ ପରିମାଣର କ୍ଷତିପୂରଣ ପାଇବା ପାଇଁ ଏଏଲସି ର ଅଧିକାରକୁ ବିରୋଧ କରିନଥିଲେ । ଏହାର ବିପରୀତ କୌଣସି ନିଷ୍କର୍ଷ ଲିପିବଦ୍ଧ କରିବା ପାଇଁ ଆମ୍ଭ ସମ୍ମୁଖରେ କୌଣସି ତଥ୍ୟ ଉପସ୍ଥାପନ କରାଯାଇନାହିଁ । ଏହି ତଥ୍ୟଗୁଡ଼ିକୁ ଧ୍ୟାନରେ ରଖି, ଆମ୍ଭେ ନିର୍ଦ୍ଦେଶ ଦେଉଛୁ ଯେ, ଯଦି ଆଇନାନୁସାରେ ଅନୁମତିଯୋଗ୍ୟ ହୁଏ, ଏଏଲସି ଠା'ରୁ ଉକ୍ତ ରାଶି ପୁନରୁଦ୍ଧାର କରିବାର ଦାବିଦାରମାନଙ୍କର

ଅଧିକାରକୁ ସୁରକ୍ଷିତ ରଖାଯାଇ, ଏକ ସକ୍ଷମ କ୍ଷେତ୍ରାଧିକାରିତା ଥିବା ନ୍ୟାୟାଳୟରେ ଉପଯୁକ୍ତ ପ୍ରକ୍ରିୟା ଆପଣାଇବାପୂର୍ବକ, ବର୍ଦ୍ଧିତ ରାଶି ଏଏଲସି କୁ ପ୍ରଦାନ କରାଯାଉ ।

ଉପରୋକ୍ତ ସର୍ତ୍ତାବଳୀରେ ଆବେଦନଗୁଡ଼ିକୁ ଆଂଶିକ ଭାବେ ଅନୁମୋଦନ କରାଯାଉଛି । ଖର୍ଚ୍ଚ ସମ୍ବନ୍ଧରେ କୌଣସି ଆଦେଶ ନାହିଁ ।

ଭି.ଏସ.ଏସ.

ଆଂଶିକ ଭାବେ ଆବେଦନକୁ ଅନୁମତି ଦିଆଯାଇଛି ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମୋକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଂଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା : ଶ୍ରୀମତୀ ଜୟା ମୁଖାର୍ଜୀ,**

**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**